## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
## ଆଞ୍ଚଳିକ ଗବେଷଣା ସଂପ୍ରସାରଣ ଉପକେନ୍ଦ୍ର,ସୁନ୍ଦରଗଡ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ,ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୧୭,ବୁଲେଟିନ ନମ୍ବର- ୩୪,ତାରିଖ :୨୬।୦୪।୨୦୨୪,ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୨୭.୦୪.୨୦୨୪–୦୧.୦୫.୨୦୨୪,ଶନି ବାର - ବୁଧବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ବର୍ଷା ହେବାର ସମ୍ଭାବନା ରହି ନାହିଁ ।ସର୍ବାଧିକ ତାପମାତ୍ରା (୪୧-୪୪ $^{0}$C) ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୨୩ -୨୫ $^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୨୩–୩୩%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୮–୧୨%) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୨୭-୦୪-୨୦୨୪ | ୦ | ୪୩ | ୨୫ | ୧ | ୨୪ | ୯ | ୮ | ୨୪୮ |
| | ୨୮-୦୪-୨୦୨୪ | ୦ | ୪୪ | ୨୫ | ୨ | ୩୦ | ୯ | ୯ | ୨୪୪ |
| | ୨୯-୦୪-୨୦୨୪ | ୦ | ୪୪ | ୨୫ | ୨ | ୩୩ | ୧୨ | ୮ | ୨୭୦ |
| | ୩୦-୦୪-୨୦୨୪ | ୦ | ୪୩ | ୨୪ | ୦ | ୨୬ | ୮ | ୧୦ | ୨୮୭ |
| | ୦୧-୦୫-୨୦୨୪ | ୦ | ୪୧ | ୨୩ | ୧ | ୨୩ | ୯ | ୧୧ | ୨୮୭ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ :ବିଶେଷ ସତର୍କତା :**ସନ୍ଧ୍ୟା ସମୟରେ ବିଶେଷ ଅବସ୍ଥାରେ ଫସଲକୁ ଜଳସେଚନ ଯୋଗାନ୍ତୁ । ଜଳର ଅଭାବ ହେଲେ ଜଳର ଉତ୍ତମ ବ୍ୟବହାର ପାଇଁ ବିକଳ୍ପ ଧାଡି ଜଳସେଚନ ପଦ୍ଧତିକୁ ଯାଆନ୍ତୁ ଯାହା ପ୍ରାୟ 50% ଜଳ ସଞ୍ଚୟ କରେ । ଅର୍ଦ୍ଧାର୍ଡରେ ଥିବା ଡ୍ରପ୍ ଜଳସେଚନ ବ୍ୟବସ୍ଥା ମଧ୍ୟ ଜଳ ସଞ୍ଚୟ କରେ । ଜଳସେଚନ ପ୍ରଣାଳୀ ଛିଞ୍ଚିବା ଦ୍ୱାରା ଉଚ୍ଚ ଟେମ୍ପର ପ୍ରଭାବ କମିଯାଏ ।

**ଖରାଟିଆ ଚିନାବାଦାମ :**

ବର୍ତ୍ତମାନ ସମୟରେ ଚିନାବାଦାମ ର ଅମଳ ଅବସ୍ଥା ଆସି ନଥିଲେ ମାଟିର ବତର କୁ ନଜର ରଖି ଜଳସେଚନ କରନ୍ତୁ

ସଅଳ ଫସଲ ଅମଳ ଅବସ୍ଥାକୁ ଆସିଯାଇଥିଲେ ହାଲୁକା ଜଳସେଚନ ଦେଇ ଅମଳ କରନ୍ତୁ

**ରାଶି :**

ବର୍ତ୍ତମାନ ସମୟରେ ରାଶି ଫୁଲ ଫୁଟିବା ଅବସ୍ଥାରେ ଥିବାରୁ ପାଗ ଦେଖି ଜଳସେଚନ କରନ୍ତୁ

ପତ୍ରଦାଗ ଦମନ ପାଇଁ ପ୍ରତି ଲିଟର ପାଣିରେ ଯଥାକ୍ରମେ ୪ ଗ୍ରାମ ହିସାବରେ ମାଙ୍କୋଜେବ କିମ୍ବା ୨ ଗ୍ରାମ ହିସାବରେ ମେଟାଲାକ୍ସିଲ ଓ ମାଙ୍କୋଜେବ ମିଶ୍ରଣ ସିଞ୍ଚନ କରନ୍ତୁ

**ଗେଣ୍ଡୁଫୁଲ :**

ବର୍ତ୍ତମାନ ସମୟରେ ଗେଣ୍ଡୁଫୁଲ ଚାଷ ରେ ନାଲି ବୁଢିଆଣୀ ଅଷ୍ଟପଦୀର ଆକ୍ରମଣ କରିବାର ଦେଖାଯାଇଥାଏ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ଶତକଡା ୪ ଗ୍ରାମ ହିସାବରେ ସଲଫର ସେଚିତ ଗୁଣ୍ଡ କିମ୍ବା ୨.୧ ମିଲି ପ୍ରୋପାରହାଇଟ ସହିତ ମିଶାଇ ସିଞ୍ଚନ କରନ୍ତୁ

ଗେଣ୍ଡୁ ଗଛ ଲଗାଇବାର ଠିକ ୩୦ ଦିନରେ କୋଡାଖୁସା କରି ଘାସ ବାଛି ଏକର ପ୍ରତି ୪୦ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ

**ଗୋଲାପ :**

ଗୋଲାପ ଗଛ ମୂଳରୁ ଘାସବାଛି ମଂଦାପ୍ରତି ୪ କିଗ୍ରା ରୁ ୧୦ କିଗ୍ରା ଖତ ପ୍ରୟୋଗ କରି ସଙ୍ଗେ ସଙ୍ଗେ ଜଳ ସେଚନ କରନ୍ତୁ

**ରଜନୀଗନ୍ଧା :**

ଆଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ ଦିନର ହୋଇଯାଇଥିଲେ ଏକର ପ୍ରତି ୮୫ କିଗ୍ରା ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ

ରଜନୀଗନ୍ଧା ଚାଷ ପାଇଁ କୋଲକାତା ,ସିଙ୍ଗଲ ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନି (ଡବଲ) ଆଦି କିସମ ଗୁଡିକ ଉତ୍କୃଷ୍ଟ ଅଟେ

ଏକର ପ୍ରତି ପ୍ରାୟ ୪୦୦୦୦ କନ୍ଦା ଆବଶ୍ୟକ ଏବୌଁ କନ୍ଦାଗୁଡିକ ୨.୫ ସେମି ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର

କନ୍ଦା ଗୁଡିକୁ ଲଗାଇବା ପୂର୍ବରୁ ଚେରଗୁଡିକୁ କାଟିଦେବା ଜରୁରୀ

ଧାଡିକୁ ଧାଡ଼ି ୩୦ ସେମି ଓ କନ୍ଦାକୁ କନ୍ଦା ୩୦ ସେମି ବ୍ଯବଧାନ ରେ ଲଗାନ୍ତୁ

ଅଧିକ ଅମଳ ପାଇବା ପାଇଁ ହେଲେ ଦୂରତା ୧୫ସେମି ରୁ ୧୫ ସେମି ରେ ଲଗାଇବା ଦରକାର

**ହଳଦୀ :**

ସାଧାରଣତଃ ମଇ ଓ ଜୁନ ମାସରେ ହଳଦୀ ଲଗାଯାଇଥାଏ

ଆମ ଓଡ଼ିଶା ରାଜ୍ୟ ପାଇଁ ରୋମା,ସୁରମା, ରଙ୍ଗ ଓ ରଶ୍ମୀ ଆଦି ୪ ଟି ହଳଦୀ କିସମ ଉପଯୁକ୍ତ ଅଟେ

ଏକ ଏକର ଜମିପାଇଁ ୮-୧୦ କୁଇଣ୍ଟାଲ ହଳଦୀ ଦରକାର ହୋଇଥାଏ

ଏହି ଖଣ୍ଡ ଗୁଡିକୁ ୨-୩ ଟି ଆଖି ଥାଇ ୨୦ ରୁ ୨୫ ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ନେଇଯାଆନ୍ତୁ

ହଳଦୀ ଚାଷ ପାଇଁ ଜମିକୁ ଗୁଣ୍ଡ ଚାଷ କରି ଏକ ମିଟର ଓସାର,୧୫ ସେମି ଉଚ୍ଚା ଓ ସୁବିଧା ଅନୁସାରେ ଲାମ୍ବା ରଖି ପଟାଳି ଗୁଡିକୁ ପ୍ରସ୍ତୁତ କରନ୍ତୁ

ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅନ ଗୋଳାଇ ଏଥିରେ ପ୍ରାୟ ୫୦ କିଗ୍ରା ହଳଦୀ କୁ ବିଶୋଧନ କରନ୍ତୁ

ଏହାପରେ ବିହନ କୁ ଛାଇରେ ଶୁଖାନ୍ତୁ

ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଗାଡି (୫ ଟନ )ଗୋବରଖତ ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳୀରେ ୧୦ ଗାଡି ଗୋବର ଖତ ଦିଅନ୍ତୁ

**ବାଇଗଣ :**

ବାଇଗଣ ଫସଲରେ କାଣ୍ଡ ଓ ଫଳ ଶୁଖିବା ରୋଗ ଦେଖାଦେଲେ ତାର ଦମନ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ ହିସାବରେ କାର୍ବେଣ୍ଡାଜିମ ଓ ମାଙ୍କୋଜେବର ମିଶ୍ରଣ ସିଞ୍ଚନ କରନ୍ତୁ

**ଅଦା :**

ଅଦା ସାଧାରଣତଃ ଏପ୍ରିଲ ରୁ ମେ ମାସ ମଧ୍ୟରେ ଲଗାଯାଇଥାଏ ଏହା ଅଦା ପାଇଁ ଉପଯୁକ୍ତ ସମୟ ଅଟେ

ବିଶେଷ କରି ଆମ ଓଡ଼ିଶା ରାଜ୍ୟ ପାଇଁ ତିନୋଟି ମୁଖ୍ୟ କିସମ ସୁପ୍ରଭା ସୁରୁଚି ଓ ସୁରଭି ଅନ୍ୟତମ ଅଟେ

ଏକ ଏକର ଜମି ପାଇଁ ୬-୮ କୁଇଣ୍ଟାଲ ଅଦାଖଣ୍ଡ ଦରକାର ହୋଇଥାଏ

ଏହି ଖଣ୍ଡଗୁଡିକ ୨-୩ ଟି ଆଖି ଥାଇ ୧୫ ରୁ ୧୯ ଗ୍ରାମ ଓଜନ ରଖି କାଟିବା ଉଚିତ

ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ ଗ୍ରାମ ମାଙ୍କୋଜେବ ଗୁଣ୍ଡ ୧୦ ଗ୍ରାମ କାର୍ବେଣ୍ଡାଜିମ ଗୁଣ୍ଡ ଓ ୫ ମିଲି ମାଲାଥିଅ ଔଷଧ ଗୋଳେଇ ଏଥିରେ ପ୍ରାୟ ୫୦ କିଗ୍ରା ଅଦାଖଣ୍ଡ ବିଶୋଧନ କରନ୍ତୁ

ଏହାପରେ ଅଦାଖଣ୍ଡ ଗୁଡିକୁ ଛାଇରେ ଶୁଖାନ୍ତୁ

**ପୋଟଳ :**

ପୋଟଳ ଫୁଲ ଧରିବା ଅବସ୍ଥାକୁ ଆସିବା ବେଳକୁ ଜମିକୁ ଘାସୁଆ ରଖାଯିବା ଉଚିତ । କାରଣ ଘାସ ଜମିର ଆଦ୍ରର୍ତା ବଜାୟ ରଖିବାରେ ସାହାଯ୍ୟ କରେ ।

ଚେରରେ ଲଗାଯାଇଥିବା ପୋଟଳରେ ଫୁଲ ପୂର୍ବରୁ କୋଡାଖୁସା କରି ଅନୁମୋଦିତ ପ୍ରଣାଳୀରେ ସାର ପ୍ରୟୋଗ କରି ଜଳସେଚନ କରନ୍ତୁ ।

**ଭେଣ୍ଡି ଚାଷ :**

ଭେଣ୍ଡି ର ଉନ୍ନତ କିସମଗୁଡିକ ହେଉଛି ଆର୍କା ଅଭୟ ,ଉତ୍କଳ ଗୌରବ ,ଆର୍କା ଅନାମିକା ଏବୌଁ ପୁଷା –ଏ -୪

ଭେଣ୍ଡି ଗଛ ମଧ୍ୟରେ ଦୂରତା ୬୦ ସେମି *୩୦ ସେମି ରହିବା ଦରକାର

ଭେଣ୍ଡି ଲଗାଇବା ସମୟରେ ହେକ୍ଟର ପିଛା ୨୦ ଗାଡି ଭଲ ଶଢା ଗୋବର ଖତ ସହ ୮୦ କିଗ୍ରା ଯବକ୍ଷାରଜାନ ,୪୦ କିଗ୍ରା ଫସ୍ଫରସ ଏବୌଁ ପଟାସ ସାର ମୂଳସାର ହିସାବରେ ପ୍ରୟୋଗ କରନ୍ତୁ

**ପ୍ରାଣୀ :**

ତାପମାତ୍ରା ବୃଦ୍ଧି ହେତୁ ପଶୁମାନଙ୍କୁ ସଫା ଏବଂ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇଥାଏ | ପଶୁ ଶେଡରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ | ଦିନର ଗରମ ସମୟରେ ପଶୁମାନଙ୍କୁ ଛାଡନ୍ତୁ ନାହିଁ |

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍।ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google. com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪0 ପଇସା ଚାଷୀ ନିମିତ୍ତ ବିକ୍ରି ହଉେଅଛି |**

*ନୋଡାଲ ଅଫିସର, କିରେଇ*